## ସଂକ୍ଷେପରେ

### ଗେଟ୍‌ବଜାର ଦକ୍ଷିଣକାଳୀ ପୂଜା ୨୬ରୁ ଭାନୁମତୀ ପ୍ୟାଲେସ ତୋରଣ ମୁଖ୍ୟ ଆକର୍ଷଣ

ବ୍ରହ୍ମପୁର ଅଫିସ,୨୨।୧୦: ଗେଟ୍‌ବଜାର ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୬ଷ୍ଠ ଥର ପାଇଁ ପୂଜା ଅନୁଷ୍ଠିତ ହେବ। ବିଗତ ୫ ବର୍ଷ ଭଳି ଚଳିତ ବର୍ଷ ନିର୍ମାଣ ହେବାକୁ ଥିବା ୧୦୦ଫୁଟ ଓସାର ଓ ୭୦ଫୁଟ ଉଚ୍ଚର ବାଙ୍ଗାଲୋରର ଭାନୁମତୀ ପ୍ୟାଲେସ ତୋରଣ ମଣ୍ଡପର ମୁଖ୍ୟ ଆକର୍ଷଣ ହେବ ବୋଲି ସୋମବାର କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୦୧୪ରୁ ଗେଟ୍‌ବଜାର ଅଞ୍ଚଳରେ କମିଟି ପକ୍ଷରୁ ଏହି ପୂଜା ଅନୁଷ୍ଠିତ ହୋଇ ଆସୁଛି । ଆସନ୍ତା ୨୬ ଅପରାହ୍ନରେ କଳସଯାତ୍ରା ପରେ ରୀତିନୀତି ଅନୁସାରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ । ନଭେମ୍ବର ୮ ପର୍ଯ୍ୟନ୍ତ ମଣ୍ଡପରେ ନିୟମିତ ମା'ଙ୍କ ସନ୍ଧ୍ୟା ଆଳତି ସହ ପୂଜା ଅନୁଷ୍ଠିତ ହେବ। ନଭେମ୍ବର ୧୦ରେ ବିସର୍ଜନ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି କେ. ରବି ସମ୍ମିଳନୀରେ ସୂଚାଇଛନ୍ତି। ଖବରଦାତା ସମ୍ମିଳନୀରେ ଉପସଭାପତି ଏମ୍. ରବି କୁମାର, ସୁଶାନ୍ତ ସେଠୀଙ୍କ ସମେତ ସମ୍ପାଦକ କେ. ମହେଶ ଓ କେ. ସୁରେଶ ପ୍ରମୁଖ ମଞ୍ଚାସୀନ ଥିଲେ ।

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୨।୧୦: ଦୁର୍ଘଟଣାରେ ଜଣେ ଆହତ ବ୍ୟକ୍ତିଙ୍କର ଏମ୍‌କେସିଜି ମେଡିକାଲରେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ବୁଗୁଡା ଥାନା ତାଳସାକର ଗ୍ରାମର ସଦା ଗୌଡ଼ (୫୧)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୫୫୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଙ୍ଗଳବାର ସକାଳେ ସଦା ଔଷଧ କିଣିବା ପାଇଁ ବଡ଼ଖାଲି ଗ୍ରାମକୁ ବାଇକ୍‌ରେ ଯାଉଥିଲେ। ରାସ୍ତାରେ ତାଙ୍କ ବାଇକ୍ ପଛପଟକୁ ଏକ ଟ୍ରକ ଧକ୍କା ଦେଇ ପଳାଇ ଯାଇଥିଲା। ଗୁରତର ଅବସ୍ଥାରେ ସଦାଙ୍କୁ ସ୍ଥାନୀୟ ଲୋକେ ଏମ୍‌କେସିଜି ମେଡିକାଲକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଓଡିଶା ପାଇପ୍ ଜଳ ଯୋଗାଣ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ବ୍ରହ୍ମପୁର ଅଫିସ,୨୨।୧୦: ଓଡିଶା ପାଇପ୍ ଜଳ ଯୋଗାଣ କର୍ମଚାରୀ ସଂଘର ୭ ଦଫା ଦାବିପୂରଣ ନେଇ ଆସନ୍ତା ୨୩ରେ ହେବାକୁ ଥିବା ନବୀନ ନିବାସ ଘେରାଉ ନିଷ୍ପତ୍ତି ସ୍ଥଗିତ ହୋଇଛି । ଏନେଇ ମଙ୍ଗଳବାର ସଂଘ ପକ୍ଷରୁ ଘୋଷଣା କରାଯାଇଛି। ଦାବି ପୂରଣ ନେଇ ସଂଘ ଅଧକ୍ଷ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ପ୍ରତିନିଧି ଦଳ ଗୃହ, ନଗର ଉନ୍ନୟନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି କ୍ରମେ ଆନ୍ଦୋଳନ ସ୍ଥଗିତ କରାଯାଇଥିବା ସଂଘ ପକ୍ଷରୁ ସୂଚାଯାଇଛି । ତେବେ ଆଲୋଚନା ବେଳେ ୱାର୍କଚାର୍ଜ କର୍ମଚାରୀଙ୍କୁ ରେଗୁଲାର ମାନ୍ୟତା ପାଇଁ ଅର୍ଥ ବିଭାଗକୁ ସୁପାରିସ କରାଯିବା ସହ ଅସ୍ଥାୟୀ କର୍ମଚାରଙ୍କୁ ସ୍ଥାୟୀ ନିଯୁକ୍ତି ନିଷ୍ପତ୍ତି ହୋଇପାରେ ବୋଲି କମିଟି ବୈଠକରେ ନିଷ୍ପତ୍ତି ନିଆଯିବା ନେଇ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଛି । ଏସ୍‌ଇଏମ୍ କର୍ମଚାରୀଙ୍କୁ ମାସିକ ୫୦୦୦ ଟଙ୍କା ଦରମା ପ୍ରଦାନ କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିବା ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି ଉମାକାନ୍ତ ନନ୍ଦ ସୂଚନା ଦେଇଛନ୍ତି ।

### ପରିବେଶବିତ୍ ସୁଧୀର ରାଉତଙ୍କୁ ନାଗରିକ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୨୨।୧୦: ଫରୋମ ଫର ଗଞ୍ଜାମର ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ କେ.ଭି.ଆର ଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଫୋରମର ଚେୟାରମ୍ୟାନ ଡା. ଏନ୍.ସି. ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଏମ୍‌ପି ଚନ୍ଦ୍ରଶେଖର ସାହୁ, ହୃଷୀକେଶ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଫୋରମ ସଂଯୋଜକ ସୁଧୀର ରାଉତଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଉତ ଦୀର୍ଘବର୍ଷ ଧରି ପରିବେଶ ସୁରକ୍ଷା ଦିଗରେ ସଚେତନତା କାର୍ଯ୍ୟକ୍ରମ ସହ ଏକାଧିକ କୃତ୍ରିମ ଗ୍ରାମ୍ୟଜଙ୍ଗଲ ସୃଷ୍ଟି କରି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି ।

## ମିଶ୍ରଣ ବିରୋଧରେ ଧର୍ମଘଟ ଡାକରା

# ବ୍ରହ୍ମପୁରରେ ବନ୍ଦ ରହିଲା ବ୍ୟାଙ୍କ

ବ୍ରହ୍ମପୁର ଅଫିସ୍,୨୨।୧୦

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣ ପାଇଁ କେନ୍ଦ୍ର ସରକାର ଘୋଷଣା କରିବା ପରଠୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବ୍ୟାଙ୍କ କର୍ମଚାରୀଙ୍କର ବିଭିନ୍ନ ୟୁନିୟନ୍ ଏହି ନିଷ୍ପତ୍ତିକୁ ଦୃଢ଼ବିରୋଧ କରିବା ସହ ପ୍ରତ୍ୟାହାର ପାଇଁ ଦାବି କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ମଙ୍ଗଳବାର ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ(ଏଆଇବିଇଏ) ଏବଂ ଭାରତୀୟ ବ୍ୟାଙ୍କ କର୍ମଚାରୀ ମହାସଂଘ(ବିଇଏଫ୍‌ଆଇ) ତରଫରୁ ଦିନିକିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଦେଶବ୍ୟାପୀ ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବ୍ରହ୍ମପୁରରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଟାଟା ବେଞ୍ଜ ଛକ ସ୍ଥିତ ଆନ୍ଧ୍ରବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ବ୍ୟାଙ୍କ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣକୁ



ବ୍ୟାଙ୍କ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବିରୋଧ ସହ କର୍ମଚାରୀ ମାରଣନୀତିକୁ ସମାଲୋଚନା କରିଥିଲେ। ଏଥିସହ ବ୍ୟାଙ୍କ ଶିଳ୍ପର ଘରୋଇକରଣ ଏବଂ ଏକତ୍ରୀକରଣ ନୀତି ଏବଂ ଶ୍ରମ ଆଇନରେ ସଂଶୋଧନକୁ ବିରୋଧ କରିଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ଏ.ସୁଧୀର, ଏ.ଗୋବିନ୍ଦ ରାଓ, ଉଦ୍ଧବେଶ୍ୱର ଦାଶ, ଅଜୟ ବେହେରା, ସନ୍ତୋଷ କୁମାର ସାହୁ, ଅନିଲ୍ ଏବଂ ପ୍ରସନ୍ନ ଚୌଧୁରୀ ପ୍ରମୁଖ ଧାରଣାସ୍ଥଳରେ ଉଦ୍‌ବୋଧନ ଦେଇଥିଲେ। ଯଦି ସଂଗଠନଗୁଡ଼ିକ ସହ ଆଲୋଚନା କରି କେନ୍ଦ୍ର ସରକାର ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର ନ କରନ୍ତି, ତେବେ ଆନ୍ଦୋଳନ ଅଧିକ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ ।

ଦେଶର ଅର୍ଥନୈତିକ ବିକାଶରେ ବ୍ୟାଙ୍କଗୁଡ଼ିକର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୧୯୫୫ରେ ପ୍ରଥମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସରକାରୀ ସ୍ୱୀକୃତି ମିଳିଥିଲା।୧୯୬୯ରେ ୧୪ ଏବଂ ୧୯୮୦ରେ ୬ ବ୍ୟାଙ୍କକୁ ଜାତୀୟକରଣ କରାଯାଇଥିଲା। ୧୯୬୯ରେ ସାରା ଦେଶରେ ସରକାରୀ ବ୍ୟାଙ୍କଗୁଡ଼ିକର ଶାଖା ସଂଖ୍ୟା ୮ହଜାର ଥିବା ବେଳେ ତାହା ଏବେ ୯୦ହଜାରରେ ପହଞ୍ଚିଛି । ୫ହଜାର କୋଟି ଟଙ୍କାର ଜମାରାଶିରୁ ଏବେ ୮୫ଲକ୍ଷ କୋଟି ଟଙ୍କା ହୋଇଛି। ସେହିଭଳି ଋଣ ପରିମାଣ ୩୫୦୦ କୋଟିରୁ ୬୦ଲକ୍ଷ କୋଟି ହୋଇଛି। ତଥାପି ଦେଶର ସବୁଆଡ଼େ ବ୍ୟାଙ୍କ ସେବା ପହଞ୍ଚି ପାରିନାହିଁ । ଏଦିଗରେ କାର୍ଯ୍ୟ କରିବା ବଦଳରେ ସରକାର ଏବେ ସରକାରୀ ବ୍ୟାଙ୍କଗୁଡ଼ିକୁ କର୍ପୋରେଟ୍ ସଂସ୍ଥା ହାତକୁ ଟେକିଦେବାକୁ ଉଦ୍ୟମ କରୁଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣ ଫଳରେ ଘରୋଇକରଣ ରାସ୍ତା ସଫା ହୋଇଯିବ। ଆକାଉଣ୍ଟଧାରୀମାନେ ଉଚିତ ସେବା ପାଇବେ ନାହିଁ। ଲକ୍ଷ ଲକ୍ଷ କର୍ମଚାରୀ ଛଟେଇ ହେବେ। ଏଣୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣ ପ୍ରତିବାଦରେ ଗୋଟିଏ ଦିନ ପାଇଁ ଧର୍ମଘଟ ଡାକରା ଦିଆଯାଇଥିବା ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି।

### ପେଟରେ କାଠଫାଳିଆ ପଶି ମହିଳା ମୃତ

ବ୍ରହ୍ମପୁର ଅଫିସ,୨୨।୧୦

ପେଟରେ କାଠଫାଳିଆ ପଶି ଗୁରୁତର ହୋଇଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ଗାଙ୍ଗପୁର ଥାନା ଅନ୍ତର୍ଗତ ପାଣିବନ୍ଧ ଗ୍ରାମର ସୁରେନ୍ଦ୍ର ଗୌଡ଼ଙ୍କ ସ୍ତ୍ରୀ ସୁକାନ୍ତି (୪୦)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୫୫୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ସୁକାନ୍ତିଙ୍କ ପଡୋଶୀ ଘର କାନ୍ଥ ନିର୍ମାଣ ଚାଲିଥିଲା। କାନ୍ଥକୁ ଠେସ ଦେବା ପାଇଁ ବ୍ୟବହୃତ ହୋଇଥିବା ଏକ କାଠଫାଳିଆ ହଠାତ ଖସି ଆସି ସେଠାରେ ଠିଆ ହୋଇଥିବା ସୁକାନ୍ତିଙ୍କ ପେଟରେ ପଶି ଯାଇଥିଲା। ଫଳରେ ତାଙ୍କ ପେଟରୁ ଗଭୀର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ସୁକାନ୍ତିଙ୍କର ମୃତ୍ୟୁ ହୋଇଥିଲା।

## ବିଧାୟକ ରମେଶ ଜେନାଙ୍କ ସମେତ ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୨।୧୦

**ଜମି ହଡ଼ପ ମାମଲା**

ଗଞ୍ଜାମ ଜିଲା ଅତିରିକ୍ତ ଦୌରାଜଜ -୩ ମଙ୍ଗଳବାର ଏକ ଜମି ହଡପ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପୁଣି ଏକ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ବିଧାୟକ ରମେଶଙ୍କ ସମେତ ତାଙ୍କ ବାପା ଅରକ୍ଷିତ ଜେନା, ବିଏମ୍‌ସିର ପୂର୍ବତନ କର୍ପୋରେଟର ଆର.ମୁରଲୀ ମୋହନ ଓ ରଞ୍ଜିତ କୁମାର ନାୟକଙ୍କୁ ଏଡିଜେ-୩ ନିରଞ୍ଜନ ଜେନା ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ମଙ୍ଗଳବାର ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୧୪ ଜାନୁୟାରୀ ୨୬ରେ ସଦର ଥାନା ଲୋଚପଡାର ସନ୍ତୋଷ ପାତ୍ରଙ୍କୁ ରମେଶ ଓ ତାଙ୍କ ସହଯୋଗୀମାନେ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ଜମି ହଡପ କରିଥିଲେ। ଏନେଇ ସନ୍ତୋଷ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ଏହି ମାମଲାରେ ବିଧାୟକ ରମେଶଙ୍କ ସମେତ ତାଙ୍କ ୪ ସହଯୋଗୀଙ୍କୁ ଦୋଷୀ ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ମଙ୍ଗଳବାର ଏସ୍‌ଟି ୯୫/୧୭ ମାମଲାର ବିଚାର ବେଳେ ୬ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ

# ୱାର୍ଡ ନଂ. ୩୬ ଓ ୩୨ରେ ପ୍ରଦୂଷଣ ଯାଞ୍ଚ ଶିବିର



ସଡକ ସୁରକ୍ଷା ସଚେତନତା ପଦଯାତ୍ରା ।

ବ୍ରହ୍ମପୁର ଅଫିସ,୨୨।୧୦

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୩୬ ଓ ୩୨ରେ ବିଜୁ ଯୁବ ବାହିନୀ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ବାହିନୀ କର୍ମକର୍ତ୍ତାମାନେ ପଦଯାତ୍ରା ମାଧ୍ୟମରେ ନୂତନ ସଡକ ସୁରକ୍ଷା ଆଇନ ଉପରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ୩୨ ନଂ. ୱାର୍ଡ ଗୋଇଲୁଣ୍ଡି ଛକରେ ବିଜୁ ଯୁବ ବାହିନୀ ସହଯୋଗରେ ଆୟୋଜିତ ପ୍ରଦୂଷଣ ଯାଞ୍ଚ ଶିବିରକୁ ପୂର୍ବତନ କର୍ପୋରେଟର ତ୍ରିପତି ପାତ୍ର ଶୁଭାରମ୍ଭ କରିଥିଲେ । ଉକ୍ତ ଶିବିରରେ ୨୧୧ ବାଇକ୍ ଓ ୭ କାର ପ୍ରଦୂଷଣ ଯାଞ୍ଚ କରାଯାଇଥିଲା । ସେହିପରି ୱାର୍ଡ ନଂ. ୩୬ର ଲାଞ୍ଜିପଲ୍ଲୀ ଜଗନ୍ନାଥ ମନ୍ଦିର ସାମ୍ନାରେ ଆୟୋଜିତ ପ୍ରଦୂଷଣ ଯାଞ୍ଚ ଶିବିରରେ ୨୨୮ ବାଇକ୍ ଓ ୮ ତିନି ଚକିଆ ଓ ଚାରି ଚକିଆ ଯାନର ପ୍ରଦୂଷଣ ଯାଞ୍ଚ କରାଯାଇଥିଲା । ଏଥିସହ ୱାର୍ଡ ନଂ. ୧୯ ଅନ୍ତର୍ଗତ କୁଇନ ମିଶନ ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ବିଜୁଯୁବ ବାହିନୀ ବ୍ରହ୍ମପୁର ସଂଯୋଜକ ଜେ. ଚନ୍ଦ୍ରଶେଖର, ପ୍ରୋଗ୍ରାମ ଅଫିସର ଅବିନାଶ ପାଣ୍ଡେ ଓ ହିମାନି ଦାସ, ୱାର୍ଡ ସଂଯୋଜକ ମଧୁ ସୂଦନ ପାଢ଼ୀ, ୱାର୍ଡ ନଂ. ୩୬ର ବିଜୁ ଯୁବ ବାହିନୀ ସଭାପତି ଆଦିତ୍ୟ ନାରାୟଣ ସାହୁ, ବିଜୁ ଯୁବ ବାହିନୀ ସମ୍ପାଦକ ଅଶ୍ୱିନୀ କୁମାର ପ୍ରମୁଖ ପରିଚାଳନା କରିଥିଲେ ।

## ମାପ, ଓଜନ ବିଭାଗର ଚଢ଼ାଉ: ଜରିମାନା ଆଦାୟ

ଗୋପାଳପୁର,୨୨।୧୦

ବ୍ରହ୍ମପୁର ମାପ ଓ ଓଜନ ବିଭାଗ ତରଫରୁ ବିଭିନ୍ନ ପଞ୍ଚାୟତ ଓ ଦୋକାନରେ ଚଢ଼ାଉ କରାଯାଇଛି। କନିଷ୍ଠ ଭାରପ୍ରାପ୍ତ ତହସିଲଦାର ଅନୀତା ସାହୁଙ୍କ ନେତୃତ୍ୱରେ ଅଧିକାରୀମାନେ ନାରାୟଣପୁର ଓ ତୁରା ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ କରି ଯାଞ୍ଚ କରିବାରୁ ମାନ ଓ ଓଜନ ମେଶିନ ନବୀକରଣ ହୋଇ ନ ଥିବା ଜଣାପଡିଥିଲା। ଉଭୟ କାର୍ଯ୍ୟାଳୟରୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିଲା। ଏଥିସହ ତୁରା, କରାପଲ୍ଲୀ, ନାରାୟଣପୁର, ଗୋଳାବନ୍ଧ ଓ ଅନ୍ୟ ସ୍ଥାନରେ ମଧ ଚଢ଼ାଉ ବେଳେ ୪ ଜଣ ବ୍ୟବସାୟୀ ମାପ, ଓଜନ ମେଶିନ ନବୀକରଣ କରି ନ ଥିବା ଜଣାପଡିଥିଲା। ନିୟମ ଉଲ୍ଲଂଘନକାରୀଙ୍କଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାଶ, ନିରୀକ୍ଷକ ସାଗରିକା ସାବତ ଚଢ଼ାଉରେ ସାମିଲ ଥିଲେ ।

## ଅସଜଡ଼ା ଭିତ୍ତିଭୂମିରେ ବ୍ରଜନଗର, ନିମଖଣ୍ଡି ଡାକଘର

# ୩ ମାସ ହେଲା ଲିଙ୍କ୍ ଫେଲ୍

ବ୍ରହ୍ମପୁର ଅଫିସ,୨୨।୧୦

- ସମସ୍ୟା ଭୋଗୁଛନ୍ତି ଲୋକେ
- ତୁରନ୍ତ ସମାଧାନ ଦାବି କଲା ମିଳିତ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର ସହର ସନ୍ନିକଟ ଓ ସହରତଳି ଅଞ୍ଚଳ ବ୍ରଜନଗର ଓ ନିମଖଣ୍ଡି ଅଞ୍ଚଳରେ ଥିବା ପୋଷ୍ଟ ଅଫିସ ଭିତ୍ତିଭୂମି ସଜାଡିବାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି । ଉଭୟ ପୋଷ୍ଟ ଅଫିସ ଶାଖା ଭିତ୍ତିଭୂମି ସଜାଡିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଛି । ଏନେଇ ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ପୋଷ୍ଟମାଷ୍ଟର ଜେନେରାଲଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ମୁଖ୍ୟ ଡାକ ବିଭାଗର ସିନିୟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନିମଖଣ୍ଡିରେ ଥିବା ପୁରାତନ ପୋଷ୍ଟଅଫିସ ଶାଖା ଉପରେ ଆଖପାଖ ୨୦ ଖଣ୍ଡ ଗ୍ରାମବାସୀ ନିର୍ଭର କରୁଛନ୍ତି। ଏହାବ୍ୟତୀତ ଏଠାରେ ସହରତଳି ଅଞ୍ଚଳର ଅନେକ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ଆକାଉଣ୍ଟ ମଧ ଏହି ଶାଖାରେ ରହିଛି । କିନ୍ତୁ ଦୁର୍ବଳ ଭିତ୍ତିଭୂମି ସାଙ୍ଗକୁ ଦୀର୍ଘ ୩ ମାସ ଧରି ନେଟୱର୍କ ତଥା ଇଣ୍ଟରନେଟ ଲିଙ୍କ ଫେଲ୍ ଯୋଗୁ ଅଞ୍ଚଳବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାଦ୍ୱାରା ପେନସନଧାରୀଙ୍କ ସହ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ଆକାଉଣ୍ଟ ଦ୍ୱାରା ଉପକୃତ ହେଉଥିବା ହିତାଧିକାରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ସେହିପରି ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ କାରବାର ମାନ୍ୟତାପ୍ରାପ୍ତ ବ୍ରଜନଗରସ୍ଥିତ ଡାକଘରେ ମଧ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳୁଛି । ଉକ୍ତ ଶାଖାଟି ସଂକୀର୍ଣ୍ଣତା ଯୋଗୁ ଗ୍ରାହକଙ୍କୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡୁଛି । ତେଣୁ ଏହି ଶାଖା ଦ୍ୱୟର ଭିତ୍ତିଭୂମି ସଜାଡିବା ସହ ବ୍ରଜନଗର ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କମିଟି ଦାବିପତ୍ରରେ ଉଲ୍ଲେଖ କରିଛି । ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ସଞ୍ଜୀବ ପଟ୍ଟନାୟକଙ୍କ ସମେତ କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପରିଚ୍ଛା, ଉପଦେଷ୍ଟା ପ୍ରଫେସର ରଙ୍ଗନାଥ ମିଶ୍ର, ହିମାଂଶୁ ଶେଖର ପାଣିଗ୍ରାହୀ, ଗଣେଶ ଚନ୍ଦ୍ର ଦାଶ ଓ କାହ୍ନୁଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଚା ନେହେରୁ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୨।୧୦

ସ୍ଥାନୀୟ ସିଟି ହାଇସ୍କୁଲରେ ଚାଚା ନେହେରୁ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ମେକାପ, ଓଷ୍ଟା ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, ସିଟି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀଚରଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୧୪ ବିଦ୍ୟାଳୟରୁ ୮୦ ପ୍ରତିଯୋଗୀ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସିଆରସିସି ମମତା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ ।

## ଗଞ୍ଜେଇ ଚାଲାଣ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୨।୧୦

ପ୍ରଥମ ଶ୍ରେଣୀ ଜିଲା ତଥା ସ୍ୱତନ୍ତ୍ର ଜଜ୍ ଡକ୍ଟର ପ୍ରସନ୍ନ କୁମାର ପଣ୍ଡା ମଙ୍ଗଳବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ବିହାର ଅଞ୍ଚଳର ସୋମନ କୁମାର ଚୌଧୁରୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୮ ଏପ୍ରିଲ ୪ରେ ଅବକାରୀ ଇନ୍ସପେକ୍ଟର ଧୀରେନ ବେହେରା ରେଳଷ୍ଟେଶନ ନିକଟରେ ସନ୍ଦେହଜନକ ଭାବେ ଠିଆ ହୋଇଥିବା ଜଣେ ଯୁବକଙ୍କୁ ଅଟକାଇ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ସେ ଧରିଥିବା ୨ ବ୍ୟାଗରୁ ଅବକାରୀ ପୋଲିସ ମୋଟ ୨୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଅଭିଯୁକ୍ତ ସୋମନଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଅଭାବରୁ ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଏମ. କେ. ମହାପାତ୍ର, କୁନାଲ ସାହୁ ଓ ଅସ୍ମିତା ଦାସ ମକଦ୍ଦମା ପରିଚାଳନା କରିଥିଲେ।

## ନିଯୁକ୍ତି ପରାମର୍ଶ ଶିବିର

ଗୋପାଳପୁର,୨୨।୧୦

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିପିଏମ୍ ଦିପ୍ତିରାଣୀ କର, ପିଏ ମନମୋହନ ପାତ୍ର, ସରପଞ୍ଚ ମେନକା ରେଡ୍ଡୀ ଓ ଧର୍ମା ରେଡ୍ଡୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୧୮ରୁ ୩୫ ବର୍ଷର ବେକାର ଯୁବତୀ, ଯୁବକ ଏଥିରେ ଯୋଗ ଦେଇଥିଲେ। ୪୯୪ ଜଣ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୯ଘରୋଇ କମ୍ପାନୀ ୩୩୭ ଜଣଙ୍କୁ ଚୟନ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେଇ ପରବର୍ତ୍ତୀ ସମୟରେ ନିଯୁକ୍ତି ଦେବେ। ଶିବିରରେ ନୋଡାଲ ଅଧିକାରୀ ତଥା କରାପଲ୍ଲୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିଲେ।

## ପ୍ରାକୃତିକ ଦୁର୍ବିପାକ ମୁକାବିଲା

# ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ସଚେତନତା କର୍ମଶାଳା

ବ୍ରହ୍ମପୁର ଅଫିସ,୨୨।୧୦

ଗଞ୍ଜାମ ଜିଲାରେ ସବୁବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ବର୍ଷା, ବନ୍ୟା, ବାତ୍ୟା ଓ ମରୁଡ଼ି ଯୋଗୁ ବ୍ୟାପକ ଫସଲ ହାନି ମଧ ହେଉଛି। ଗ୍ରାମ୍ୟସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ନୂଆ ଯୋଜନା କରାଯାଇଛି। ମଙ୍ଗଳବାର କୁକୁଡ଼ାଖଣ୍ଡିରେ ବ୍ଲକସ୍ତରୀୟ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ଏବଂ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି (ବ୍ଲକ) ଓ ସାମାଜିକ ଅନୁଷ୍ଠାନ ସ୍ମାଇଲର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଡିଓ ଗଦାଧର ପାତ୍ର ଅଧ୍ୟକ୍ଷତା କରିଥିଲେ । ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ସ୍ମାଇଲ ସମ୍ପାଦକ ସୁକଣ୍ଠ ପଣ୍ଡା ଗ୍ରାମାଞ୍ଚଳ ଲୋକ ପ୍ରତିନିଧିଙ୍କୁ ସଚେତନ କରାଇଥିଲେ ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଗଞ୍ଜାମ ଜିଲା ପ୍ରଶାସନ ସହାୟତାରେ ଜିଲାର ସମସ୍ତ ୨୨ ବ୍ଲକ ଅନ୍ତର୍ଗତ ୧୦୫୦ ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯିବ। ଏଥିନିମନ୍ତେ ୧୭ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି। ସଚେତନତା ସମୟରେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଜିରୋ କାଜୁଆଲଟି ବା ଜୀବନହାନି ନ ଘଟିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଧନ ଜୀବନକୁ ସୁରକ୍ଷିତ କରିବା ଲାଗି ଗ୍ରାମସ୍ତରରେ ଲୋକେ ଯୋଜନା ପ୍ରସ୍ତୁତ କରିବେ। ଏହାର ସଫଳ ରୂପାୟନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ଲକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିବାକୁ କୁହାଯାଇଛି ।

କୁକୁଡ଼ାଖଣ୍ଡି ବ୍ଲକସ୍ତରୀୟ ସଚେତନତା କର୍ମଶାଳାରେ ଉପାଧକ୍ଷା, ତହସିଲଦାର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଅତିରିକ୍ତ ବିଡିଓ ଯୋଗ ଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀ ଶଙ୍କର ପ୍ରଧାନ ଧନ୍ୟବାଦ ଦେଇଥିଲେ ।



ସଚେତନତା କର୍ମଶାଳାରେ ମଞ୍ଚାସୀନ ଅଧିକାରୀ ଓ ଗ୍ରାମାଞ୍ଚଳ ଲୋକ ପ୍ରତିନିଧି ।

## ସଂକ୍ଷେପରେ

### ସଚିବଙ୍କୁ ବିଭିନ୍ନ ଅନୁଷ୍ଠାନର ଦାବିପତ୍ର

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୨।୧୦- କନ୍ଧମାଳ ଜିଲା ଗସ୍ତରେ ଆସିଥିବା ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ୍ ଚୋପ୍ରାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାର ସମସ୍ୟା ଉପରେ ଦାବିପତ୍ର ପ୍ରଦାନ କରାଯାଇଛି। ଫୁଲବାଣୀ ସ୍ୱୟଂଶାସିତ କଲେଜ, ଆଦିବାସୀ ବି.ଇ.ଡ଼ି. କଲେଜ, ଫୁଲବାଣୀ ସି.ଟି. ସ୍କୁଲରେ ଶିକ୍ଷକ, ଅଧାପକ ଅଭାବ ଦୂର କରିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗତ ବନ୍ଦୋବସ୍ତ ସମୟରେ ବ୍ୟାପକ ଅନିୟମିତତା ହୋଇଛି। ତେଣୁ ପୁଣି ସେଟେଲ୍‌ମେଣ୍ଟ କରିବା ପାଇଁ ସରକାରଙ୍କୁ ସୁପାରିଶ କରିବା, ୩୦ ବର୍ଷରୁ ଅଧିକ ଗୋଟିଏ ସ୍ଥାନରେ ବସବାସ କରୁଥିବା ପରିବାରକୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ଜିଲାରେ ଗଞ୍ଜେଇ ଚାଷ ବୃଦ୍ଧି ଯୁବକମାନଙ୍କୁ ବିପଥଗାମୀ କରୁଛି। ରାଜ୍ୟ ସରକାରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଚିବ ଫିରିଙ୍ଗିଆ ବ୍ଲକ ଗସ୍ତ ବେଳେ ମାଣ୍ଡ୍ରିପଡାଠାରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ରତଙ୍ଗ ପଞ୍ଚାୟତର ୧୩ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ସଚିବଙ୍କୁ ଭେଟି ଡାଙ୍ଗେଡିକିଆ ଛକଠାରୁ କୁଟିବାରୀ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରି କାର୍ଯ୍ୟ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ।

### ମୃତଦେହ ଜବତ, କାରଣ ଅସ୍ପଷ୍ଟ

**ଆର.ଉଦୟଗିରି,୨୨।୧୦(ଡି.ଏନ.ଏ.):** ଆର.ଉଦୟଗିରି ଥାନା ଏନ. ଝାଲରସିଂ ଗ୍ରାମର ବିଜୟ କୁମାର ସାହୁ ସାନଭାଇ ବାସୁଦେବଙ୍କ ସହ ସୋମବାର ସନ୍ଧ୍ୟାରେ ଶୌଚ ଯିବାକୁ କହି ବାଇକରେ ଗାଁ ବାହାରକୁ ଯାଇଥିଲେ। ମାତ୍ର ରାତିରେ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ଗ୍ରାମର କିଛି ଲୋକ ବନ୍ଧ ନିକଟରେ ଏକ ମୃତଦେହ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଘଟଣାସ୍ଥଳକୁ ଯାଇ ଏହା ବାସୁଦେବଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ଏନେଇ ବିଜୟ ଆର.ଉଦୟଗିରି ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇବା ସହ ନଂ.୧୦୭/୧୯ରେ ମାମଲା ରୁଜୁ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଏହାର ଅଧିକ ତଦନ୍ତ ଚାଲିଛି ବୋଲି ଆର.ଉଦୟଗିରି ଥାନା ଅଧିକାରିଣୀ ମମତା ନାୟକ କହିଛନ୍ତି।

### ଗୃହ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା

# ଅଧିକାରୀଙ୍କ କାର୍ଯ୍ୟକୁ ନେଇ ଖପ୍ପା

**ଫୁଲବାଣୀ ଅଫିସ, ୨୨।୧୦**

ରାଜ୍ୟ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରାଙ୍କ ୨ ଦିନିଆ କନ୍ଧମାଳ ଗସ୍ତରେ ଆସିଥିଲେ। ସୋମବାର ଏବଂ ମଙ୍ଗଳବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବିଭିନ୍ନ ବ୍ଲକ ଅଞ୍ଚଳରେ ବୁଲିବା ବେଳେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଦେଖିବାକୁ ଅଧିକାରୀମାନେ ଗ୍ରାମକୁ ଯାଉ ନ ଥିବା ଜାଣିବାକୁ ପାଇଥିଲେ। ମଧ୍ୟାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ଏହା ପ୍ରକାଶ କରିବା ସହ ଅଧିକାରୀମାନଙ୍କ ଉପରେ ବର୍ଷିଛନ୍ତି। ଆସନ୍ତା ମାସରେ ପୁଣି ଆସି କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରିବେ। କୌଣସି ଅବହେଳା ନଜରକୁ ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରୋକ୍ଷରେ ସେ ଚେତାବନୀ ଦେଇଛନ୍ତି। ଏଥିସହ ପୁଟୁଡି ଜଳପ୍ରପାତର ଉନ୍ନତୀକରଣ ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ



ସମୀକ୍ଷା ବୈଠକରେ ଉପସ୍ଥିତ ସଚିବ ଓ ଅନ୍ୟ ଅଧିକାରୀମାନେ।

ହେବ ବୋଲି ସଚିବ କହିଛନ୍ତି।

ବୈଠକରେ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ତଥ୍ୟ ଉପସ୍ଥାପନ କରାଯାଇଥିଲା। ମମତା ଯୋଜନାରେ ପଞ୍ଜୀକୃତ ୨୦,୬୬୯ ଜଣ ଗର୍ଭବତୀଙ୍କ ମଧ୍ୟରୁ ୨୦,୬୫୦ ଜଣଙ୍କ ପାଖକୁ ପ୍ରଥମ କିସ୍ତି ଟଙ୍କା ପଠାଯାଇଛି। ବଳକା ୧୯ ଜଣଙ୍କର ଆକାଉଣ୍ଟ ନମ୍ବର ଭୁଲ ଯୋଗୁ ଟଙ୍କା ପଠାଯାଇ ପାରିନି। ସେହିପରି ୧୨, ୫୮ ଜଣଙ୍କ ମଧ୍ୟରୁ ୧୨,୩୫ ଜଣଙ୍କ ହିସାବ ଖାତାକୁ ଦ୍ୱିତୀୟ କିସ୍ତି ଟଙ୍କା ପଠାଯାଇଛି। ଜିଲାରେ କାର୍ଯ୍ୟକ୍ଷମ ଥିବା ୨୧୦୨ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୫୦୩ଟି ନିଜସ୍ୱ କେନ୍ଦ୍ରରେ କାର୍ଯ୍ୟ ଚାଲିଥିବା ସୂଚନା ଦିଆଯାଇଥିଲା। ମିଶନ ଶକ୍ତି ଅଧୀନରେ ଜିଲାରେ ୧୪,୭୨୧ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ସେଥି ମଧ୍ୟରୁ ୭,୭୭୩ ଗୋଷ୍ଠୀ ୧୫ ହଜାର ଲେଖାଏ ଓ ୭,୫୩୬ଟି ଗୋଷ୍ଠୀ ୩ ହଜାର ଲେଖାଏ ଟଙ୍କା ପାଇଛନ୍ତି

**ପୁଟୁଡି ଜଳପ୍ରପାତର ଉନ୍ନତୀକରଣ ଖୁବ୍‌ଶୀଘ୍ର**

ବୋଲି ସୂଚନା ଦିଆଯାଇଥିଲା।

ଗ୍ରାମ୍ୟ ଗୃହ ନିର୍ମାଣ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହୁଥିବାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁନି ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି କ୍ଲଷ୍ଟର ବୋର୍ ୱେଲ୍, ଡିପ୍ ବୋର୍ ୱେଲ୍ ଏବଂ ଉଠା ଜଳସେଚନ ଯୋଜନା, ନିରାମୟ ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ପାନୀୟ ଜଳ, ଶକ୍ତି, ଗ୍ରାମ୍ୟ ବିଦ୍ୟୁତୀକରଣ, ପି.ଡି.ଏସ୍., ଏନ୍.ଏଫ୍.ଏସ୍.ଏ. ଓ ରାଜ୍ୟ ଖାଦ୍ୟ ନିରାପତ୍ତା, ବିଭିନ୍ନ ପେନ୍‌ସନ୍ ଯୋଜନା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ହେଉଥିବା କାର୍ଯ୍ୟ, ଶିକ୍ଷା ଓ ଜିଲା ମଙ୍ଗଳ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନେ ଉପସ୍ଥିତ ରହି ତଥ୍ୟ ପ୍ରଦାନ କରିଥିଲେ। ବୈଠକରେ ଜିଲାପାଳ ଡା.ବୃନ୍ଦା ଡି., ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସଚିବ ମଙ୍ଗଳବାର ବାଲିଗୁଡା ବ୍ଲକ ଦଣ୍ଡପଦରରେ ଛତୁଆ ଉତ୍ପାଦନ କେନ୍ଦ୍ର, ଫିରିଙ୍ଗିଆ ବ୍ଲକ ପୁରୁଣା ନୂଆଗାଁ ଗ୍ରାମରେ ସାମାଜିକ ସୁରକ୍ଷା, ଗ୍ରାମୀଣ ଆବାସ ଯୋଜନାର ଅଗ୍ରଗତି, ମାଣ୍ଡ୍ରିପଡାରେ ଅଙ୍ଗନୱାଡି କେନ୍ଦ୍ର, ମିଶନ ଶକ୍ତି, ପୋଡପୋଡାରେ ବୋରୱେଲ କାର୍ଯ୍ୟର ତଦାରଖ କରିବା ପରେ ଫୁଲବାଣୀ ଫେରି ସମୀକ୍ଷା କରିଥିଲେ।

### ବିଭିନ୍ନ କ୍ଲଷ୍ଟରରେ ଶିଶୁ ମହୋତ୍ସବ

**ବେଗୁନିଆପଡ଼ା,୨୨।୧୦(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଖଣ୍ଡିଆନଈ, ସୁମଣ୍ଡଳ, ଚିଙ୍ଗୁଡ଼ିଖୋଲ ଓ ତାଳସର କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡିଆନଈ କ୍ଲଷ୍ଟରର ଦେଉଳିଆପଡା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ସଭାପତି ଭାବେ ପୂର୍ବତନ ସିଆରସିସି ପଙ୍କଜ କୁମାର ବେହେରା, ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ଦୋରା, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ କେ.ଭୀମରାଜୁ ପାତ୍ର, ସିଆରସିସି ରାଜେନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଚିଙ୍ଗୁଡ଼ିଖୋଲଠାରେ ପ୍ରଦୀପ କୁମାର ଶତପଥୀ, ଭାସ୍କର ଦାସ, କୃଷ୍ଣ ଚନ୍ଦ୍ର ଦୋରା ଯୋଗ ଦେଇଥିଲେ। ଷଣ୍ଢମୂଳ କ୍ଲଷ୍ଟରର ତାଳସର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଚନ୍ଦ୍ରମା ଜାନି, ରବୀନ୍ଦ୍ର ନାଥ ମହାରଣା, କବିରାଜ ଜେନା, ବୁଲା ଜେନା, ପଦ୍ମ ଚରଣ ସ୍ୱାଇଁ ଯୋଗଦେଇଥିଲେ। ସୁମଣ୍ଡଳଠାରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ତର୍କ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବିବାହ ପ୍ରତିଶ୍ରୁତି ଦେଇ ମହିଳା ଡାକ୍ତରଙ୍କୁ ପ୍ରତାରଣା

**ଦାରିଙ୍ଗବାଡ଼ି, ୨୨।୧୦(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ବିପିଏମ୍ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ମହିଳା ଡାକ୍ତର ଜଣକ ଏ ନେଇ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୦୫/୧୯ ଆଟ୍ରୋସିଟି ଆକ୍ଟରେ ମାମଲା ରୁଜୁ କରିଛି। ବାଲିଗୁଡ଼ା ଏସ୍‌ଡିପିଓ ଡି. ତ୍ରିପତି ରାୟ ପଟ୍ଟନାୟକ ମାମଲା ତଦନ୍ତ ଦାୟିତ୍ୱ ନେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମହିଳା ଡାକ୍ତରଙ୍କ ସହ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର (ବିପିଏମ୍)ଙ୍କ ୨୦୧୭ରୁ ପ୍ରେମ ସମ୍ପର୍କ ଥିଲା। ସେ ବିବାହ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମାତ୍ର ଏନେଇ ଦିନ

**ବିପିଏମ୍ ଫେରାର, ତଦନ୍ତ ଆରମ୍ଭ**

ଗଡାଇ ଚାଲିଥିଲେ। ମହିଳା ଡାକ୍ତର ବିବାହ କଥା କହିବାରୁ ବିପିଏମ୍ ତାଙ୍କୁ ଶାରୀରିକ ମାନସିକ ନିର୍ଯାତନା ଦେବା ସହ, ତୁମେ ଅନୁସୂଚିତ ଜାତିର, ଆମେ ଉଚ୍ଚ ଜାତିର ଏଣୁ ବିବାହ କରିପାରିବି ନାହିଁ ବୋଲି କହିଥିଲେ। ଏପରି କି ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଗତ କିଛିଦିନ ହେଲା ବିପିଏମ୍ ଫେରାର ହୋଇଯାଇଛନ୍ତି। ଫୋନ୍‌ରେ ମଧ୍ୟ ଯୋଗାଯୋଗ ହୋଇପାରୁନାହିଁ। ତେଣୁ ସେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଦେବାକୁ ଦାବି କରିଛନ୍ତି। ପୋଲିସ ସମ୍ପୃକ୍ତ ବିପିଏମ୍‌ଙ୍କୁ ଖୋଜୁଛି ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି।

### ସଡ଼କ ସୁରକ୍ଷା ସଚେତନତା ଅଭିଯାନ

**ଜି.ଉଦୟଗିରି,୨୨।୧୦(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ଯୁବ ବାହିନୀ ପକ୍ଷରୁ ସୋମବାର ତଲାରିମାହାଠାରେ ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା ଅଭିଯାନ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷା ଦୀପ୍ତିରେଖା ପ୍ରଧାନ, ଉପାଧ୍ୟକ୍ଷ ହୃଦାନନ୍ଦ କହଁର, ତଲାରିମାହା ସରପଞ୍ଚ ସବିତା କହଁର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗାଡ଼ି ଚାଳକମାନଙ୍କୁ ସିଟ୍ ବେଲ୍ଟ ବାନ୍ଧିବା, ହେଲ୍‌ମେଟ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବା ଉପରେ ସଚେତନ କରାଯାଇ ଚକୋଲେଟ ଓ ଲିଫଲେଟ ଦିଆଯାଇଥିଲା। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଜାକେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ବାହିନୀର ଅକ୍ଷୟ ବିଶ୍ୱାଳ, ବଳଭଦ୍ର କହଁର, ଗୌତମ କହଁର, ରାଜବାଳା ସିଂ, ସମଦତ୍ତ ପ୍ରଧାନଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ ଚାଳକମାନଙ୍କୁ ସଚେତନ କରାଇଥିଲେ।

### ମୁଜାଗଡ଼ରେ ଜୋନସ୍ତରୀୟ ସ୍କୁଲ କ୍ରୀଡ଼ା

## ପାଠପଢ଼ା ସହ କ୍ରୀଡ଼ାର ଆବଶ୍ୟକତା ରହିଛି




ଉତ୍ସବରେ ମଞ୍ଚାସୀନ ଅତିଥି।

**ଭଞ୍ଜନଗର,୨୨।୧୦(ଡି.ଏନ.ଏ)**

ଭଞ୍ଜନଗର ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ମୁଜାଗଡ଼ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପାଠପଢ଼ା ସହ କ୍ରୀଡ଼ାରେ ମଧ୍ୟ ଦକ୍ଷତା ରଖିବାର ଆବଶ୍ୟକତା ରହିଛି। ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ାର ଆବଶ୍ୟକତା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଆର୍‌ଟିଓ ଶୁଭେନ୍ଦୁ ରୟ, ସୋରଡ଼ା ବିଇଓ ବିଜୟ ମୋହନ ପ୍ରଧାନ, ଗାଲେରି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ, ବାହାଡ଼ାପଦର ହାଇସ୍କୁଲ ପ୍ରଧାନ ଶିକ୍ଷକ ରବି ନାରାୟଣ ମହାନ୍ତି, ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନ, ଏବିଇଓ ସୂର୍ଯ୍ୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଇଓ ଏସ୍.ଧନଞ୍ଜୟ ଏଥିରେ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ପ୍ରିୟଦର୍ଶନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ନେତା ସନ୍ତୋଷ ଜେନା ସଭା ସଂଯୋଜନା କରିଥିଲେ। ଶିକ୍ଷକ ଧ୍ରୁବ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ଶ୍ରମିକ ଚାଲାଣ, ୩ ଠିକାଦାର ଗିରଫ

**ଖଲ୍ଲିକୋଟ,୨୨।୧୦(ଡି.ଏନ.ଏ.)**

ବିନା ଲାଇସେନ୍ସ ଏବଂ ସ୍ଥାନୀୟ ପ୍ରଶାସନକୁ ନ ଜଣାଇ ବାହାର ରାଜ୍ୟକୁ ଶ୍ରମିକ ଚାଲାଣ କରୁଥିବା ୩ ଠିକାଦାରଙ୍କୁ ଖଲ୍ଲିକୋଟ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମର ପ୍ରଫୁଲ୍ଲ ସାହୁ, ପାରି ନୂଆଗାଁର ବଳରାମ ବାରିକ ଓ ଆକୁଳ ପ୍ରଧାନ। ଏ ନେଇ ଥାନାରେ ନଂ. ୨୯୫/୧୯ରେ ମକଦ୍ଦମା ରୁଜୁ କରାଯାଇଥିବା ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି।

## ଆବାସ ପାଇଁ ଲାଞ୍ଚ ଦାବି, ବିଡିଓଙ୍କୁ ଫେରାଦ

**କବିସୂର୍ଯ୍ୟନଗର,୨୨।୧୦:** କବିସୂର୍ଯ୍ୟନଗର ବ୍ଲକ ବୁଢ଼ାମ୍ବ ପଞ୍ଚାୟତରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଲାଞ୍ଚ ନ ଦେଲେ ବିଲ ହେଉନାହିଁ। ବହୁ ହିତାଧିକାରୀ ଗୃହ ନିର୍ମାଣ ଅଧପନ୍ତରିଆ କରି ବିଲକୁ ଚାହିଁ ବସିଛନ୍ତି। ବୁଢ଼ାମ୍ବ ପଞ୍ଚାୟତ ଗୁଡିଆପଲ୍ଲୀ ଗ୍ରାମର ମୋଟ ୨୬ ହିତାଧିକାରୀ ମଧ୍ୟରୁ ଭଗବାନ ବେହେରା, ଗଦାଧର ବେହେରା, କୃଷ୍ଣ ବେହେରା, ରାମଚନ୍ଦ୍ର ଗୌଡ଼, ତ୍ରିନାଥ ବେହେରା, ଭାସ୍କର ବେହେରା, ଗଙ୍ଗାଧର ବେହେରା, ମୋଚିରାମ ବେହେରା ପ୍ରମୁଖ ହିତାଧିକାରୀ ବ୍ଲକକୁ ଆସି ପଞ୍ଚାୟତ ଅଧିକାରୀ ଲାଞ୍ଚ ମାଗୁଥିବା ବିଡିଓ ବାସୁଦେବ ନାୟକଙ୍କୁ ଅଭିଯୋଗ କରିଛନ୍ତି। ପଞ୍ଚାୟତ ଅଧିକାରୀ ପରୋକ୍ଷରେ ଜଣେ ବ୍ୟକ୍ତିଙ୍କୁ (ଯିଏକି ସରକାରୀ କର୍ମଚାରୀ ନୁହଁନ୍ତି) ଅସ୍ଥାୟୀ ଭାବେ ନିଯୁକ୍ତି ଦେଇଛନ୍ତି। ତାଙ୍କୁ ଗହମ, ଚାଉଳ ବଣ୍ଟନ ଦାୟିତ୍ୱ ଦିଆଯାଇଥିବା ମଧ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ହିତାଧିକାରୀ ଆବାସ ପାଇଁ ୫ ହଜାର ଟଙ୍କା ଦେବାକୁ ଗାଁରେ ନିଷ୍ପତ୍ତି ହୋଇଥିବା ଜଣାଇଛନ୍ତି। ସରକାରଙ୍କ ୫-ଟିକୁ ଏହା ଚାଲେଞ୍ଜ ବୋଲି ଆଲୋଚନା ହେଉଛି।



ବିଡିଓଙ୍କ ପାଖରେ ଅଭିଯୋଗ କରୁଛନ୍ତି ହିତାଧିକାରୀ।

### ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଜୟପୁର, ଫିରିଙ୍ଗିଆ

**ଭଞ୍ଜନଗର, ୨୨।୧୦(ଡି.ଏନ.ଏ.)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ୫୦ତମ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ମଙ୍ଗଳବାର ୨ଟି ସେମି ଫାଇନାଲ ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ଆୟୋଜକ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓ ଜୟପୁର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ୨-୨ ଗୋଲରେ ମ୍ୟାଚ୍ ଟାଇ ରହିବାରୁ ଅତିରିକ୍ତ ଖେଳ ହୋଇଥିଲା। ଏହା ମଧ ଟାଇ ରହିଥିଲା। ଏହାପରେ ପେନାଲ୍‌ଟିରେ ଜୟପୁର ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ସାରଙ୍ଗଗଡ଼ ଓ ଫିରିଙ୍ଗିଆ କଲେଜ ମଧ୍ୟରେ ହୋଇଥିଲା। ଏଥିରେ ଫିରିଙ୍ଗିଆ ୩-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର



ଜୟପୁର ଭଞ୍ଜନଗର ମ୍ୟାଚ୍ ସମୟରେ ଜୟପୁରର ଜଣେ ଖେଳାଳି ଆହତ ହୋଇଛନ୍ତି।

ମ୍ୟାଚ୍‌ରେ ଭଞ୍ଜନଗର ଆର୍‌ଟିଓ ଶୁଭେନ୍ଦୁ ରୟ, ଥାନା ଅଧିକାରୀ ସୁଦୀପ୍ତ ସାହୁ,

**ଆଜି ଫାଇନାଲ ମ୍ୟାଚ୍**

କଲେଜ ଅଧକ୍ଷ ଡ଼. ନୀଳାଞ୍ଚଳ ମୁନି ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ଅପରାହ୍ନରେ ଫାଇନାଲ ମ୍ୟାଚ୍ ହେବ। ରେଫରୀ ସପନ ବୈରାଗୀ, ଗଣେଶ ବାହାଦୁର, ବାପୁନା ସିଂ, ବିଚିତ୍ର ଜେନା, ପି.ରମେଶ ମ୍ୟାଚ ପରିଚାଳନା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ସହ ସମ୍ପାଦକ ରାଜେଶ ମହାନ୍ତି, ବିଶ୍ୱବିଦ୍ୟାଳୟର ପୂର୍ବତନ କୋଚ୍ ରାମହରି ଦାସ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଛନ୍ତି।

### କେରୁବାଡ଼ିରେ ମଦ ବିରୋଧୀ ଅଭିଯାନ

# ଏକାଠି ହେଲେ ଶତାଧିକ ଲୋକ

**ଦାରିଙ୍ଗବାଡ଼ି,୨୨।୧୦(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଭ୍ରମରବାଡ଼ି ପଞ୍ଚାୟତ କେରୁବାଡ଼ିରେ ମଙ୍ଗଳବାର ଚୋରାମଦ କାରବାର ରୋକିବା ଏବଂ ଅଞ୍ଚଳକୁ ନିଶାମୁକ୍ତ ପାଇଁ ପୁଣି ଜନସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଚର୍ଚ୍ଚ ପଡ଼ିଆରେ ଏକାଠିହୋଇ ସଭା କରିବା ପରେ ଶୋଭାଯାତ୍ରାରେ ଯାଇଥିଲେ। ସଭାରେ ରାଜ୍ୟର ବିଭିନ୍ନ ସଙ୍ଗଠନ ସାମିଲ ହୋଇଥିଲା। ଏଥି ମଧ୍ୟରେ ମାଲକାନାଗିରି ଜିଲାର ମାଥିଲିରୁ ୧୧ ତାରିଖରେ ବାହାରିଥିବା ଶାନ୍ତି, ସଂହତି, ସଦ୍‌ଭାବନା ଯାତ୍ରା ଦାରିଙ୍ଗବାଡ଼ିରେ ଓ କେରୁବାଡ଼ିରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ସମେତ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ (ଓଡ଼ିଶା) ଏବଂ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜାଗୃତି ସମ୍ପାଦକ କୈଳାସ



ମଦବିରୋଧୀ ଆନ୍ଦୋଳନରେ ଉପସ୍ଥିତ ବିଭିନ୍ନ ସଂଗଠନ ସହ ମହିଳାମାନେ।

ଚନ୍ଦ୍ର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ, ସରପଞ୍ଚ ଆକାଶ ପ୍ରଧାନ, ଜନଜାତିଙ୍କ ପୂଜାରୀ କସୁସା ପ୍ରଧାନ, ଅନ୍ତରଙ୍ଗ ଯୁବ ମହାସଂଘର ବ୍ଲକ ସଂଯୋଜକ ଧନେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସଙ୍କ ସମେତ ମାନସ ମିଶ୍ର, ଆବାହକ ଡ. ବିଶ୍ୱଜିତ ରାୟ, ମାନସ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗର ରାଜୀବ ଗାନ୍ଧୀ ଫାଉଣ୍ଡେଶନର ରାଜ୍ୟ ମୁଖ୍ୟ ସୁଦୀପ ମିତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗାନ୍ଧିଜୀଙ୍କ

**କନ୍ଧମାଳ ଜିଲା**

ଅହିଂସା ନୀତିରେ ଅଞ୍ଚଳକୁ ନିଶାମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ।

ଶତାଧିକ ମହିଳା ମଦ ବିରୋଧୀ ନାରାଦେଇ ସାହି ପରିକ୍ରମା କରିଥିଲେ। ସେହିପରି ସରପଞ୍ଚ ଆକାଶ ପ୍ରଧାନ କହିଛନ୍ତି ଯେ, ଚୋରା ମଦ କାରବାର ବନ୍ଦ ସହ ଅଞ୍ଚଳ ନିଶାମୁକ୍ତ ହେଲେ ବିକାଶ ହୋଇପାରିବ। ପୂର୍ବରୁ ପୋଲିସ କିମ୍ବା ଅବକାରୀ ବିଭାଗ ମାଓବାଦୀଙ୍କ ଆଳ ଦେଖାଇ ଚୋରା ମଦ କାରବାର ରୋକିବା ଦିଗରେ କାର୍ଯ୍ୟକରୁ ନ ଥିବା ଅଭିଯୋଗ କରିଥିଲେ ତେବେ ଏନେଇ ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ କହିଛନ୍ତି ଯେ ସାଧାରଣ ନିର୍ବାଚନ ପୂର୍ବରୁ ଉକ୍ତ ଅଞ୍ଚଳରେ ଏକାଧିକ ଚୋରା ମଦକାରବାରରେ ସଂପୃକ୍ତିଙ୍କୁ ଗିରଫ କରାଯାଇଛି। ଏବେ ମଧ ପୋଲିସ ଉକ୍ତ ଅଞ୍ଚଳକୁ ଯାଉଥିବା ସେ କହିଛନ୍ତି।

# ପୁତୁରା ଛୁରାମାଡ଼ରେ ଦାଦା ମୃତ

**କବିସୂର୍ଯ୍ୟନଗର,୨୨।୧୦**

କବିସୂର୍ଯ୍ୟନଗର ଥାନା ସୁନାରୀଝୋଲା ପଞ୍ଚାୟତର ପଙ୍କଲବାଡ଼ି ଗ୍ରାମ ବେଲପୁର ସାହିରେ ସମ୍ପତ୍ତିକୁ ନେଇ ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଛି। ଶେଷରେ ପୁତୁରା ଛୁରାମାଡ଼ରେ ଦାଦାର ମୃତ୍ୟୁ ଘଟିଛି। ମୃତକ ହେଲେ ଟି. ଶମ୍ଭାରିଆ ରେଡ୍ଡୀ (୭୫)।

ପ୍ରକାଶ ଯେ, ଶମ୍ଭାରିଆଙ୍କ ଏକମାତ୍ର ଭଉଣୀ ବିବାହ କରି ନ ଥିଲେ। ଫଳରେ ପୈତୃକ ସମ୍ପତ୍ତି ଶାମ୍ଭାରିଆଙ୍କ ଭାଇ ଓ ଭଉଣୀଙ୍କ ମଧ୍ୟରେ ବଣ୍ଟା ହୋଇଥିଲା। ଭଉଣୀ ଭାଗରେ ୪ ଭରଣ ଜମି ଓ ଏକ ଘର ପଡିଥିଲା। ଯିଏ ଭଉଣୀଙ୍କୁ ଭରଣପୋଷଣ କରିବ ସେ ଜମି ଘର ନେବ ବୋଲି ନିଷ୍ପତି ହୋଇଥିଲା। ଶମ୍ଭାରିଆ ଓ ତାଙ୍କ ଭାଇ ମଧ୍ୟରେ ଭଉଣୀଙ୍କୁ ପୋଷିବାକୁ ନେଇ ବିବାଦ ଲାଗି ରହିଥିଲା। ମାତ୍ର ସମ୍ପତ୍ତି ନେଇ ଶମ୍ଭାରିଆଙ୍କ ଭାଇ ଭଉଣୀଙ୍କୁ ଘରେ ରଖୁ ନଥିଲେ। ଏନେଇ ଶମ୍ଭାରିଆ ଭାଇଙ୍କୁ ପଚାରିବାପରେ ୨ଭାଇଙ୍କ ପୁଅମାନଙ୍କ ମଧ୍ୟରେ ସୋମବାର ରାତିରେ ମାରପିଟ ହୋଇଥିଲା। ଦାଦା ସମ୍ଭାରିଆଙ୍କ ଛାତିରେ ପୁତୁରା ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ରାତି ପ୍ରାୟ ୧୦ଟାରେ ଗ୍ରାମବାସୀ ଉଦ୍ଧାର କରି ତାଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପୁଅ ଟି. ବିକ୍ରମ ରେଡ୍ଡୀଙ୍କ ଏତଲାକ୍ରମେ ପୋଲିସ ନଂ.୨୫୬/୧୯ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି। ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଥିବା ଏସ୍‌ଆଇ ଅର୍ଜୁନ କଅଁର ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର

**ବୁଗୁଡ଼ା,୨୨।୧୦(ଡି.ଏନ.ଏ.)**

ବୁଗୁଡ଼ା ଥାନା କାନସୁକା-ବେଠିଆବୋରଦା ରାସ୍ତା ନିକଟସ୍ଥ ଏକ ବିଲରେ ସୋମବାର ରାତ୍ର ପ୍ରାୟ ୧୧ଟାରେ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବୁଗୁଡ଼ା ଥାନା କାନସୁକା ଗ୍ରାମର ମହେଶ୍ୱର ସାହୁ (୪୫)। ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସାପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ବନ୍ୟଜନ୍ତୁ ଶିକାର ପାଇଁ କେହି ଦୁର୍ବୃତ୍ତ ସୋମବାର ରାତିରେ କାନସୁକା ନିକଟସ୍ଥ ଏକ ବିଲରେ ୧୧ କେଭି ଲାଇନରୁ ତାର ଟାଣି ବିଲରେ ବିଛାଇଥିଲେ। ମହେଶ୍ୱର ଓ ତାଙ୍କର ଅନ୍ୟ କେତେଜଣ ସାଙ୍ଗ ମିଶି ରାତି ପ୍ରାୟ ୧୦ଟାରେ କୌଣସି କାମରେ ଉକ୍ତ ବିଲ ଆଡକୁ ଯାଉଥିବାବେଳେ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ମହେଶ୍ୱର ଆସିଯାଇଥିଲେ। ତାଙ୍କ ସାଙ୍ଗ କାଠ ଫାଳିଆରେ ତାରକୁ ପିଟି ମହେଶ୍ୱରଙ୍କୁ ଉଦ୍ଧାର କରିବା ପରେ ଅଟୋଯୋଗେ ମେଡିକାଲ ନିଆଯାଇଥିଲା।








